ସମ୍ବାଦ

ସାଲେପୁର କଲେଜ ଶିକ୍ଷା ବିଭାଗ ପକ୍ଷରୁ ଆଲୋଚନାଚକ୍ର

ସାଲେପୁର, ୧୬।୧୧ (ଇମିସ): ସାଲେପୁର ସୁନ୍ଦରାପାଟିଆ ମହାବିଦ୍ୟାଳୟ ଶିକ୍ଷା ବିଭାଗ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଜାତୀୟ ଶିକ୍ଷା ନୀତି ଅନୁଯାୟୀ ଶିକ୍ଷକ ଶିକ୍ଷଣରେ ବେଶ୍ ପ୍ରଭାବ ପକାଇ ନୂଆ ଶିକ୍ଷା ନୀତି ଲାଗୁ କରାଯିବା ସମ୍ପର୍କରେ ଆୟୋଜିତ ଏହି ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସଂଘମିତ୍ରା ମିଶ୍ର ସୋରେନ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଶିକ୍ଷା ପ୍ରଣାଳୀ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ମହାବିଦ୍ୟାଳୟ ଶିକ୍ଷା ବିଭାଗ ମୁଖ୍ୟ ତଥା ପ୍ରଶାସନିକ ଅଧିକାରୀ ଡକ୍ଟର ପ୍ରସନ୍ନ କୁମାର ମହାପାତ୍ର ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ବିଭାଗୀୟ ଅଧ୍ୟାପିକା ପ୍ରମିଳା ରାୟ ଉପସ୍ଥିତ ସଂଯୋଜନା କରିଥିଲେ। ପରେ ବିଜ୍ଞାନ ବିଭାଗ ମୁଖ୍ୟ ଡକ୍ଟର ବିଜୟକାନ୍ତ ଦାସ ଉପସ୍ଥିତ ଥିଲେ। ଡକ୍ଟର ଅମିତ୍ର ପରିମଳ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଅଧ୍ୟକ୍ଷା ଡକ୍ଟର ମିଶ୍ର ସୋରେନ ଉପସ୍ଥିତ ପ୍ରତିନିଧିଙ୍କୁ ଦିଗଦର୍ଶନ ଦେଇ ନୂତନ ଆଲୋଚନାଚକ୍ରର ଅଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଶ୍ରୀମତୀ ମିଶ୍ର, ପ୍ରତିନିଧିମାନେ ଗୋପୀନାଥ, ରାଜୁଡି ଲଙ୍କା, ଜଗନ୍ନାଥ ସାହୁ ପ୍ରମୁଖ ବାଚୌକୁମାର ସହଯୋଗ କରିଥିଲେ। ଅଧ୍ୟାପକ ପ୍ରଫୁଲ୍ଲ କୁମାର ସାହୁ, ସରୋଜ କୁମାର ବେହେରା, ମନ୍ମଥ ବେହେରା, ଶେଖ୍ ଅନ୍ସାର୍ ଅହମ୍ମଦ୍, ପ୍ରତିମ୍ରୁତା ଓଡ଼ଙ୍ଗୀ, ଲକ୍ଷ୍ମୀପ୍ରିୟା ଦାସ, ବିମଳ ମିଶ୍ର, ଡକ୍ଟର ସୁଧାମୟୀ ବଳବନ୍ତ ସହାନ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଡକ୍ଟର ପ୍ରଫୁଲ୍ଲ ବୋୟୁଙ୍କ ଧନ୍ୟବାଦ ଦେଇଥିଲେ।

CUTTACK Edition
Page No.18 November 17, 2022